# କଟକ ସିଟି





# ଛାତିଥରା ଡିଜେ ନେଉଛି ଜୀବନ

## ପୁଲିସ ଓ ପରିବହନ ବିଭାଗ ଚୁପ ବସିଛନ୍ତି

କଟକ, ୩୧ା୧(ସମିସ):

**ଗାଡ଼ିର ଢାଞ୍ଚା ବଦଳାଇ ତିଆରି ହୋଇଛି ଡିଜେ ଭ୍ୟାନ୍**

**ଅଦାଲତଙ୍କ ଆଦେଶ ଉଲ୍ଲଘଂନ କରି ଶବ୍ଦ ପ୍ରଦୂଷଣ**

ବାହାଘର ହେଉ କି ପର୍ବପର୍ବାଣିରେ ମେଢ଼ ଶୋଭାଯାତ୍ରାରେ ଛାତି ଥରାଉଥିବା ଡିଜେ ଶବ୍ଦ ଉପରେ ରହୁନି କଟକଣା। ବିଭିନ୍ନ ସମୟରେ ରହିଥିବା ଅଦାଲତଙ୍କ କଟକଣା ସହ ପୁଲିସ, ପରିବହନ ବିଭାଗ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିୟମକୁ ଖୋଲା ଉଲ୍ଲଙ୍ଘନ କରାଯାଇଆସୁଛି। ଏଭଳି ସ୍ଥିତିରେ ଡିଜେ ଶବ୍ଦରେ ଅନେକଙ୍କ ଜୀବନ ଅକାଳରେ ଚାଲିଯାଉଥିବା ଏବେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଦେଖିବାକୁ ମିଳିଲାଣି। ଏହି ସମ୍ବେଦନଶୀଳ ପ୍ରସଂଗରେ ପୁଲିସ, ପରିବହନ ବିଭାଗ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କେବଳ କାଗଜକଲମରେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇ ଚୁପ ବସୁଥିବା ଅଭିଯୋଗ ହେଉଛି। ଆଇନରେ ଥିବା ବିଧିବ୍ୟବସ୍ଥା ଅନୁଯାୟୀ କୌଣସି ଯାନକୁ ତାହାର ମୂଳ ଢାଞ୍ଚାରୁ ପରିବର୍ତ୍ତନ କରାଯାଇପାରିବ ନାହିଁ। ହେଲେ ବିଗତ କିଛି ଦିନ ହେବ ବିଭିନ୍ନ ଶୋଭାଯାତ୍ରା ତଥା ଭସାଣିରେ ଅଂଶଗ୍ରହଣ କରୁଥିବା ଡିଜେ ଯାନଗୁଡ଼ିକ ବେଆଇନ ଭାବେ ସେହି ଗାଡିର ମୂଳ ଅନୁମୋଦିତ ଢାଞ୍ଚାରେ ପରିବର୍ତ୍ତନ କରୁଛନ୍ତି। ଏପରିକି ଯାନର ଉଚ୍ଚତା, ଲମ୍ବ ଏବଂ ପ୍ରସ୍ଥରେ ପରିବର୍ତ୍ତନ କରି ତାହାକୁ ନୂଆ ରୂପ ଦେଉଛନ୍ତି। ଅତି ଉଚ୍ଚ ସ୍ୱରର ଲାଉଡ ସ୍ପିକର ଏବଂ ଚିକମିକ୍ କରୁଥିବା ଲେଜର ଲାଇଟ, ଘୁରୁଥିବା ଡିଜେ ଲାଇଟ ଆଦିକୁ ଲଗାଉଛନ୍ତି। ଯେଉଁଥିପାଇଁ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ହାଇକୋର୍ଟ ଗତ ୨୦୦୮ ମାର୍ଚ୍ଚ ୨୭ରେ ଶବ୍ଦ ପ୍ରଦୂଷଣ ଉପରେ ଲଗାମ ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ୬୫ଡେସିବେଲରୁ ଉଚ୍ଚ ଶବ୍ଦ ଉତ୍ପନ୍ନ ଉପରେ ରୋକ ଲଗାଯାଇଛି। ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ଥିବା ପୁଲିସଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ପର୍ଯ୍ୟନ୍ତ କ୍ଷମତା ମଧ୍ୟ ରହିଛି। ଶୋଭାଯାତ୍ରାରେ ଯାଉଥିବା ଡିଜେ ଅବା ମ୍ୟୁଜିକ ସିଷ୍ଟମର ସାଉଣ୍ଡ ଲିମିଟର (ଶବ୍ଦ ନିୟନ୍ତ୍ରକ ଯନ୍ତ୍ର) ଲଗାଯିବା ପାଇଁ ଅତୀତରେ ଗୃହ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳ ଓ ଏସପି ମାନଙ୍କୁ ମଧ୍ୟ ଚିଠି କରାଯାଇଥିଲା। ସଠିକ ଭାବେ ଆମ୍ପ୍ଲିଫାୟାର ସହ ଏହି ଯନ୍ତ୍ର ସଂଯୋଗ ହୋଇଛି କି ନାହିଁ ତାହା ଯାଞ୍ଚ କରିବା କଥା। ନାମକୁ ମାତ୍ର ସାଉଣ୍ଡ ଲିମିଟର ଥିବା ଦେଖାଇ ଧାର୍ଯ୍ୟ ଡେସିବେଲରୁ ଅଧିକ ଶବ୍ଦ ଉତ୍ପନ୍ନ ହେଉଥିବା ଜଣାପଡିଛି। ସେହିଭଳି ମନଇଚ୍ଛା ଗାଡିର ଢାଞ୍ଚା ବଦଳାଇ ଡିଜେ ଗୁଡିକ ଗାଁଠାରୁ ସହର ଯାଏ ଖୁଲମଖୁଲା ବାଜୁଥିବା ଦେଖିବାକୁ ମିଳୁଛି। ପରିବହନ ପ୍ରାଧିକରଣ ସ୍ୱତନ୍ତ୍ର ସର୍କୁଲାର ଜାରି କରି ଗାଡିର ମୂଳ ଢାଞ୍ଚା ବଦଳାଇଥିବା ଗାଡିଗୁଡିକର ପଞ୍ଜୀକରଣ ପ୍ରମାଣପତ୍ର ଓ ଫିଟନେସ ରଦ୍ଦ କରାଯିବ ବୋଲି କହିଥିଲା। ହେଲେ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବେଆଇନ ଡିଜେ ଗାଡ଼ି ଯୋଗୁଁ ନିକଟ ଅତୀତରେ ଘଟିଥିବା କେତେକ ଅଘଟଣର ନଜିର ରହିଛି। ଗତ ୨୦୨୫ମେରେ :କଟକରେ ଏକ ଡିଜେ ଭ୍ୟାନରେ ସଟସର୍କିଟ୍ ଯୋଗୁଁ ନିଆଁ ଲାଗି ଦୁଇ ଯାତ୍ରୀ ଗୁରୁତର ହୋଇଥିଲେ। ୨୦୨୪ ମାର୍ଚ୍ଚ ବରଗଡ଼ରେ ଏକ ଡିଜେ ଗାଡ଼ି ଓଲଟିବାରୁ ଦୁର୍ଘଟଣାରେ ୧୫ ଜଣ ଆହତ ହୋଇଥିଲେ। ୨୦୨୩ ନଭେମ୍ବରରେ ଗଞ୍ଜାମରେ ଡିଜେ ଲାଇଟ୍ ଯୋଗୁଁ ଡିଜେ ଗାଡ଼ି ସହ ବାଇକ ଧକ୍କା ହୋଇଥିଲା ଫଳରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିଲା। ସେହିଭଳି ଡିଜେ ଶବ୍ଦ ପାଇଁ ଗତ କିଛି ମାସ ଭିତରେ ୫ଜଣଙ୍କ ମୃତ୍ୟୁ ଘଟିଲାଣି।

## ଠକ ତାନ୍ତ୍ରିକ ଗିରଫ

**କଟକ,୩୧ା୧(ସମିସ):** ପୁରୀଘାଟ ଥାନା ପୁଲିସ ବନ୍ଦ ଘରେ ଯୁବତୀଙ୍କୁ ଅସଦାଚରଣ କରିଥିବା ଜଣେ ତାନ୍ତ୍ରିକ ଗିରଫ କରିଛି। ତନ୍ତ୍ର ପୂଜା କରି ଘର ଭିତରେ ରିଷ୍ଟ ଖଣ୍ଡନ ଆଳରେ ତାନ୍ତ୍ରିକ ଜଣେ ଯୁବତୀଙ୍କୁ ଘର ଭିତରେ ଅସଦାଚରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୁକ୍ତର ଘର ଜଗତସିଂହପୁର ଜିଲ୍ଲା ବିରିଡ଼ି ଅଞ୍ଚଳରେ ହୋଇଥିବା ତା' ନାଁ ଜଗନ୍ନାଥ ନାୟକ। ତାକୁ କୋର୍ଟ ଚାଲାଣ କରାଯାଇଥିବା ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

ପୁଲିସ ସୂଚନା ଅନୁସାରେ, ଉକ୍ତ ଯୁବତୀଙ୍କ ଘରେ ଆର୍ଥିକ ସମସ୍ୟା, ପାରିବାରିକ ବିବାଦ ଲାଗି ରହିଥିଲା। ଜଣେ ସମ୍ପର୍କୀୟଙ୍କ ପରାମର୍ଶ ଅନୁଯାୟୀ ଯୁବତୀ ଜଣକ ତାନ୍ତ୍ରିକ ଜଗନ୍ନାଥକୁ ଯୋଗାଯୋଗ କରିଥିଲେ। ଏହାପରେ ତାନ୍ତ୍ରିକ ଜଗନ୍ନାଥ ଉକ୍ତ ଯୁବତୀଙ୍କ ଘର ଭିତରେ ତନ୍ତ୍ର ପୂଜା କରି ରିଷ୍ଟ ଖଣ୍ଡନ କରିବାକୁ ପାଖାପାଖି ୭୦ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି କହିଥିଲା। ଏଥିପାଇଁ ଜଗନ୍ନାଥ ପ୍ରଥମେ ୨୫ ହଜାର ଟଙ୍କା ନେଇଥିଲା। ଗତ ମଙ୍ଗଳବାର ସନ୍ଧ୍ୟାରେ ସେ ଯୁବତୀଙ୍କ ଘରେ ଆସି ପୂଜା କରିଥିଲା। ଠିକ୍ ଏହି ସମୟରେ ଯୁବତୀଙ୍କୁ ସେ ଘର ଭିତରେ ଅସଦାଚରଣ କରିଥିଲା। ଯୁବତୀ ଜଣକ ଚିତ୍କାର କରିବାରୁ ତାନ୍ତ୍ରିକ ଫେରାର ହୋଇଯାଇଥିଲା। ଏସଂକ୍ରାନ୍ତରେ ଯୁବତୀ ଜଣକ ପୁରୀଘାଟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଅଭିଯୁକ୍ତ ଜଗନ୍ନାଥକୁ ଗିରଫ କରିଛି।

## ସହକାରୀ ଗ୍ରନ୍ଥାଗାରିକଙ୍କୁ ବିଦାୟ ସମ୍ବର୍ଦ୍ଧନା




**କଟକ,୩୧ା୧(ସମିସ):** ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ ଅଧିନସ୍ଥ ସ୍ୱରାଜ ଆଶ୍ରମ କଟକ ପରିସରରେ ଥିବା ପାଠାଗାର ରେ ଦୀର୍ଘ ୩୫ ବର୍ଷରୁ ଉର୍ଦ୍ଧ୍ୱ ସହକାରୀ ଗ୍ରନ୍ଥାଗାରିକ ଭାବେ ଦକ୍ଷତାର ସହ କାର୍ଯ୍ୟ କରିଥିବା ସବିତା ତ୍ରିପାଠୀ ଆଜି ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଆଜି ଏହି ଅବସରରେ ଆୟୋଜିତ ଏକ ସଭାରେ ତାଙ୍କୁ ଆନୁଷ୍ଠାନିକ ଭାବେ ସଂସ୍କୃତି ବିଭାଗ ପାଠାଗାର ପରିସରରେ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଉକ୍ତ ବୈଠକରେ କଟକ ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ପୌରାହିତ୍ୟ କରିଥିଲେ। ଅନ୍ୟତମ ଅତିଥି ଭାବେ ସୂଚନା ଲୋକ ସମ୍ପର୍କ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ସ୍ମିତା କର,କଟକ ଉପନିର୍ଦ୍ଦେଶକ କାର୍ଯ୍ୟାଳୟର ଶୁଭ୍ରାଂଶୁ ମିଶ୍ର ପ୍ରମୁଖ ଯୋଗ ଦେଇ ଶ୍ରୀମତୀ ତ୍ରିପାଠୀଙ୍କ ଆଗାମୀ ଜୀବନ ସୁଖମୟ କାମନା କରିଥିଲେ। ଜିଲ୍ଲା ପ୍ରଶାସନ ଏବଂ କଟକ ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ଦୀର୍ଘ ବର୍ଷରୁ ଆୟୋଜିତ ବାଲିଯାତ୍ରା ମହୋତ୍ସବ, ଜିଲ୍ଲାରେ ଆୟୋଜିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଯଥା ତେଲେଙ୍ଗାପେଣ୍ଠ ଠାରେ ଆୟୋଜିତ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଏବଂ ସହିଦ ଦିବସ ଉପଲକ୍ଷେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିରେ ତାଙ୍କର ନିଷ୍ଠାପର ଉଦ୍ୟମ ଓ ମୂଲ୍ୟବାନ ଅବଦାନ ସମ୍ପର୍କରେ ସମସ୍ତ ଉପସ୍ଥିତ ବକ୍ତା ପ୍ରମୁଖ ଅବତାରଣା କରିଥିଲେ। ଶ୍ରୀମତୀ ତ୍ରିପାଠୀ ଗ୍ରନ୍ଥଗାରିକା ଭାବେ ଖୁବ ଦକ୍ଷତାର ସହିତ ନିଜ ଦାୟିତ୍ୱ ସମ୍ପାଦନ କରିଥିବାରୁ ପାଠାଗାରରେ ନିୟମିତ ଅଧ୍ୟୟନରତ ପାଠକ ପାଠିକା ପ୍ରମୁଖ ସନ୍ତୋଷ ବ୍ୟକ୍ତ କରିଥିଲେ।

## ସାମ୍ପ୍ରଦାୟିକ ସଦ୍‌ଭାବ ସମ୍ପର୍କିତ ଆଲୋଚନା




**କଟକ,୩୧ା୧(ସମିସ):** ଇସ୍କଫ୍ ତରଫରୁ ସାମ୍ପ୍ରଦାୟିକ ସଦଭାବ ସମ୍ପର୍କିତ ଏକ ଆଲୋଚନା ସମ୍ପ୍ରୀତି ଦିବସ ଅବସରରେ ଅନୁଷ୍ଠିତ ହୋଇଯାଇଛି। କିଶୋରଚନ୍ଦ୍ର ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ବିଜୟ କୁମାର ପଢ଼ିହାରୀ, ଜାନକୀବଲ୍ଲଭ ମହାନ୍ତି, ସୁବାସଚନ୍ଦ୍ର ବୋଷ, ରାଧାମୋହନ ସାହୁ, ନିରଂଜନ ପାତ୍ର, କୃଷ୍ଣପ୍ରିୟା ମିଶ୍ର ଓ ପ୍ରଭାତୀଲତା ଦେଇ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଗାନ୍ଧୀଙ୍କର ଜୀବନୀ ଓ ତାଙ୍କର ମତାମତ ଉପରେ ଏହି ସଭାରେ ଆଲୋଚନା କରାଯାଇଥିଲା। ପ୍ରସନ୍ନ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ■ ଖ୍ରୀଷ୍ଟ କଲେଜର ବାର୍ଷିକ ଉତ୍ସବ

## ପୁସ୍ତକ ଅଧ୍ୟୟନ ହିଁ ଜ୍ଞାନ ଅର୍ଜନର ମୂଳାଧାର




**କଟକ,୩୧ା୧(ସମିସ):** ଖ୍ରୀଷ୍ଟ କଲେଜର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର ଦାଶ ବେନହୁର୍ ଯୋଗ ଦେଇ ପୁସ୍ତକ ଅଧ୍ୟୟନ ହିଁ ଜ୍ଞାନ ଅର୍ଜନର ମୂଳାଧାର, ମୋବାଇଲ ନୁହେଁ ବୋଲି କହିଥିଲେ। ପ୍ରତ୍ୟେକ ଶିକ୍ଷାନୁଷ୍ଠାନ ଶିକ୍ଷା ଓ ଶିକ୍ଷିତମାନଙ୍କ ମଧ୍ୟରେ ଲୁଚି ରହିଥିବା ଉଚ୍ଚ ଆଦର୍ଶଗତ ବୈଶିଷ୍ଟ୍ୟ ସଂପର୍କରେ ସେ ଆଲୋଚନା କରିଥିଲେ। କଲେଜର ସ୍ନାତକୋତ୍ତର, ସ୍ନାତକ ଓ ଯୁକ୍ତଦୁଇ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀମାନଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଥିଲା। କଲେଜର ଅଧ୍ୟକ୍ଷା ମଧୁମିତା ପାତ୍ର ସ୍ୱାଗତ ଭାଷଣରେ ଛାତ୍ରଛାତ୍ରୀ ତଥା ମହାବିଦ୍ୟାଳୟର ଗୌରବମୟ ଗାଥା ଉପସ୍ଥାପନ କରିଥିଲେ। ପ୍ରାଧ୍ୟାପକ ଡଃ ଦୈତ୍ୟାରୀ ଶୁକ୍ଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପରି.ଳନା ସମିତିର ସଭାପତି ଅନୁପମ ପାତ୍ର ଓ ସମ୍ପାଦକ ଶୁଭାଶୀଷ ସାହୁ କଲେଜର ସମସ୍ତ କର୍ମ.ରୀ, ବିଦ୍ୟାର୍ଥୀ ତଥା ଭିତିଭୂମିର ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ପ୍ରଶାସନ ଦ୍ୱାରା ପରି.ଳିତ ନାଟକ ପ୍ରତିଯୋଗିତାରେ ବିଶେଷ ସଫଳତା ଅର୍ଜନ କରିଥିବା କଲେଜର ବିଦ୍ୟାର୍ଥୀ ଅଭିନେତା ଓ ଅଭିନେତ୍ରୀମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନୀତ କରାଯାଇଥିଲା। ଅଧ୍ୟାପକ ଡଃ ସାରଦା ପ୍ରସାଦ କର, ଅଧ୍ୟାପିକା ରିଙ୍କୁ ମହାପାତ୍ର, ବିଶ୍ୱରୂପା ମହାନ୍ତି ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ନୃତ୍ୟ, ଗୀତ, ବାଦ୍ୟ ଓ ଏକକ ଅଭିନୟ ପ୍ରତିଯୋଗିତାର କୃତି ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପିକା ଡଃ ଜିତା ରାୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଡଃ ଜ୍ଞାନେଶ୍ୱର ରଥ ଧନ୍ୟବାଦ ଅର୍ପଣ କରିଥିଲେ। ପରି.ଳନା ସମିତିର ସଭ୍ୟ ଚନ୍ଦନ ଦାସ, ସୌମେନ୍ଦ୍ର ଦାସ, ପ୍ରଦୀପ୍ତ ଚୌଧୁରୀ, ଉପାଧ୍ୟକ୍ଷା ଡଃ କ୍ଷଣପ୍ରଭା ନନ୍ଦ, ସୁମନ ରଏଙ୍କ ସହିତ ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମ.ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ପ୍ରାଧ୍ୟାପକ ଶୋଭନ ପଣ୍ଡା, ଡଃ ଅଶୋକ କୁମାର ସାହୁ, ସୁବ୍ରତ ବଳ ଓ ହେଡ୍‌କ୍ଲର୍କ୍ ସୁରେନ୍ଦ୍ରକୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉତ୍ସାହ ପରିବାର ପକ୍ଷରୁ ଜଳ ବିତରଣ

**ନିଶ୍ଚିନ୍ତକୋଇଲି,୩୧ା୧(ସମିସ):** ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ନେମାଳଠାରେ ଥିବା ନିର୍ବିକଳ୍ପ ଶୂନ୍ୟସମାଧି ପୀଠ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ସ୍ୱନକ୍ଷତ୍ର ଦିବସ ଅବସରରେ ଅନୁଷ୍ଠିତ ହେଉଥିବା ଅଷ୍ଟପ୍ରହରୀ ନାମଯଜ୍ଞରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। କଟରପଡାସ୍ଥିତ ଉତ୍ସାହ ପରିବାର ତରଫରୁ ତୃଷାର୍ତ୍ତ ଭକ୍ତମାନଙ୍କୁ ଲେମ୍ବୁ ଦହି ମିଶା ଜଳ ବିତରଣ କରାଯାଇଛି। ଉତ୍ସାହ ପରିବାର ସଭାପତି ଦେବାଶିଷ ବେଉରାଙ୍କ ସଂଯୋଜନାରେ ଏହି ମହାନ୍ କାର୍ଯ୍ୟରେ ସୁଧାକର ଜେନା, ନିଗମ ପ୍ରସାଦ ଭଟ୍ଟ, ପ୍ରକାଶ ସ୍ୱାଇଁ, ଦୀପ୍ତିରଞ୍ଜନ ସ୍ୱାଇଁ, ଅଚ୍ୟୁତାନନ୍ଦ ସେଠୀ, ପିୟୂଷ ରଞ୍ଜନ ସେଠୀ, ଚନ୍ଦନ ବାରିକ, ବିଶ୍ୱଜିତ ସାହୁ, ପ୍ରସନ୍ନ ଭୂୟାଁ ପ୍ରମୁଖ ଯୋଗଦେଇ ଲୋକମାନଙ୍କୁ ଜଳଦାନ କରିଥିଲେ।

### ■ ବିଜେଡିର ବନ୍ଧୁ ମିଳନ

## ସରକାରଙ୍କ ଜନବିରୋଧୀ କାର୍ଯ୍ୟର ପ୍ରତିବାଦ କରିବ ବିଜେଡି: ଚନ୍ଦ୍ରସାରଥୀ



**କଟକ,୩୧ା୧(ସମିସ):** କଟକ ଜିଲ୍ଲା ବିଜୁ ଜନତା ପକ୍ଷରୁ ଦୋଳମୁଣ୍ଡାଇସ୍ଥିତ କାର୍ଯ୍ୟାଳୟଠାରେ ଏକ ବିଶେଷ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କଟକ ସଦର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରା କହିଲେ ଯେ ବର୍ତ୍ତମାନ ରାଜ୍ୟ ସରକାରଙ୍କର ଭୟଙ୍କର ଜନମାରଣ ନୀତି ଯୋଗୁଁ ଗାଁ ଗହଳିରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଧାନର ଅଭାବୀ ବିକ୍ରିଠାରୁ ଆରମ୍ଭ କରି କଟନୀ ଛଟନୀ ଚାଷୀଙ୍କର ମେରୁଦଣ୍ଡକୁ ଭାଙ୍ଗି ସାରିଲାଣି। ବିଦ୍ୟୁତ ଗ୍ରାହକଙ୍କ ଠାରୁ ଅତିରିକ୍ତ ଦେୟ ଆଦାୟ ଲୋକଙ୍କୁ ବୋଝ ଉପରେ ନଳିତା ବିଡ଼ା ସଦୃଶ ହେଲଣି, ମୋଟରଜାନ ଉପରେ ବିଭିନ୍ନ ପ୍ରକାର ଜୋରଜବରଦସ୍ତ ଦଣ୍ଡ ଜରିନାମା ଆଦାୟ ନାଁ ରେ ଶୋଷଣ କରାଯାଉଛି। ଏଭଳି ରାଜ୍ୟ ସରକାରଙ୍କ ଜନ ମାରଣ ଓ ଶୋଷଣ ନୀତି ବିରୋଧରେ ବିଜେଡି ଲୋକଙ୍କୁ ସଚେତନ କରିବା ସହିତ ଜନ ଆନ୍ଦୋଳନ କରିବା ଏବଂ କଟକ ଜିଲ୍ଲାରେ ବୁଥ୍‌ସ୍ତରରେ ସଂଗଠନକୁ ଆହୁରି ଶାଣିତ ଓ କ୍ରିୟାଶୀଳ କରାଯିବ ବୋଲି ଶ୍ରୀ ବେହେରା କହିଥିଲେ।

ସର୍ବ ପ୍ରଥମେ କଟକ ଜିଲ୍ଲା ବିଜେଡ଼ି ପକ୍ଷରୁ ଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କଟକ ଜିଲ୍ଲା ବିଜେଡ଼ି ସଭାପତି ପ୍ରଫୁଲ୍ଲ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବନ୍ଧୁ ମିଳନ ରେ ବରିଷ୍ଠ ନେତା ପୂର୍ବତନ ଡେପୁଟି ମେୟର ମଧୁସୂଦନ ସାହୁ, ମହମ୍ମଦ ସକିଲ, ପ୍ରଫୁଲ୍ଲ ବେହେରା, ପ୍ରକାଶ ସିଂହ, ତାପସ ମହାନ୍ତି,ଅନିତା ବେହେରା,ପୂର୍ଣ୍ଣିମା ସିଂହ, ତନ୍ମୟା ରାୟ, ଦେବେନ୍ଦ୍ର କାହାଳି,ପ୍ରଦୀପ ସିଂହ,ବିଜୟ ଓଝା,ରାଜେନ୍ଦ୍ର ରଣା,ଜନସନ ମହାପାତ୍ର,ବିଷ୍ଣୁ ସାହୁ, ଅବଦୁଲ୍ କରିମ, ନିମାଇଁ ବିଶ୍ୱାଳ, ଯୁଧିଷ୍ଠିର ବିଶ୍ୱାଳ,କାଳନ୍ଦୀ ନାରାୟଣ ମଲ୍ଲିକ,ସେକ ରିୟାଜୁଲ୍ଲା,ଅର୍ପିତା ଦାସ,ପ୍ରତାପ ନାୟକ, ସମ୍ପଦ ମଲ୍ଲିକ, ସଜ୍ଜାଦ ହୁସେନ, ରଞ୍ଜନ ପାଲ, ରାକେଶ ଦାସ ପ୍ରମୁଖ ଶତାଧିକ କର୍ମକର୍ତ୍ତା ଯୋଗଦାନ କରିଥିଲେ।

## ନନ୍ଦନକାନନରେ ମା' ହେଲା ପାର୍ମା ୱାଲାବି



**ବାରଙ୍ଗ,୩୧ା୧(ସମିସ):** ପ୍ରାଣୀ ଉଦ୍ୟାନରେ ପ୍ରଥମ ଥର ପାଇଁ ମା' ହେଲା ପାର୍ମା ୱାଲାବି। ପୂର୍ବରୁ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଏପ୍ରିଲ ୧୯୭୩ରୁ ଏପ୍ରିଲ ୧୯୭୬ ପର୍ଯ୍ୟନ୍ତ ୱାଲାବି ରହିଥିଲେ ମଧ୍ୟ କୌଣସି ପ୍ରଜନନ ହୋଇ ନଥିଲା। ଏହି ପ୍ରଜାତି ଡିସେମ୍ବର ୨୦୨୩ରେ ହାଇଦ୍ରାବାଦର ଜନ୍ ଆଣ୍ଡ ଗୁଡସ୍ ଫାର୍ମରୁ ପ୍ରାଣୀ ଉଦ୍ୟାନରୁ ଆସିଥିଲା। ଅଗଷ୍ଟ ୨୦୨୫ରୁ ମିଳନ କରାଯାଇଥିଲା। ସେମାନଙ୍କ ଗର୍ଭଧାରଣ ସମୟ ପ୍ରାୟ ୩୫ ଦିନର ହୋଇଥିବା ବେଳେ ସଂଖ୍ୟା ତିନିକୁ ବୃଦ୍ଧି ପାଇଛି। ସେମାନଙ୍କର ନିରନ୍ତର ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏନକ୍ଲୋଜର ନମ୍ବର ୩୭ (ଜି)ରେ ରଖାଯାଇ ସିସିଟିଭି ମାଧ୍ୟମରେ ନିରୀକ୍ଷଣ କରାଯାଉଛି। ଉଭୟ ମା' ଏବଂ ସନ୍ତାନ ସୁସ୍ଥ ଥିବା ସୂଚନା ମିଳିଛି।

## ଟାଉନ ପ୍ଲାନିଂ ସ୍କିମ୍ ନମ୍ବର-୧ର ଗ୍ରାମସ୍ତରୀୟ ହିତାଧିକାରୀ ବୈଠକ

**କଟକ,୩୧ା୧(ସମିସ):** କଟକ ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ ବାରଙ୍ଗ ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ ହୋଇଥିବା ପ୍ରସ୍ତାବିତ ଟାଉନ ପ୍ଲାନିଂ ସ୍କିମ ନମ୍ବର-୧ର ପ୍ରଥମ ଗ୍ରାମସ୍ତରୀୟ ହିତାଧିକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ରତାଗଡ଼-ଲେଙ୍କାସାହି ଏବଂ ଚଣ୍ଡିପ୍ରସାଦ ଗ୍ରାମର ଜମି ମାଲିକମାନେ ବୈଠକରେ ସକ୍ରିୟ ଅଂଶଗ୍ରହଣ କରି ଯୋଜନା ପ୍ରକ୍ରିୟାରେ ଅଂଶଗ୍ରହଣ କରିଥିଲେ। ସିଡିଏର ଉପାଧ୍ୟକ୍ଷା ସୁଶ୍ରୀ କିରଣଦୀପ୍ କୌର୍ ସହୋତା, ଆଇଏଏସ୍‌ଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ସିଡିଏ ସଚିବ ଡକ୍ଟର ଶ୍ୱେତକୁମାର ଦାଶ, ସହକାରୀ ଟାଉନ ପ୍ଲାନର ତଥା ନୋଡାଲ୍ ଅଫିସର(ଟାଉନ ପ୍ଲାନିଂ ସ୍କିମ) ବିଷ୍ଣୁପ୍ରସାଦ ସାହୁ, ପ୍ରଶାସନିକ ଅଧିକାରୀ ଶ୍ରୀ ଜନକ କୁମାର ନାୟକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।




ଏହି ବୈଠକର ଜମି ସମ୍ବନ୍ଧୀୟ ଯୋଜନା ପ୍ରସ୍ତାବ, ବିକାଶ ବ୍ୟବସ୍ଥା ଏବଂ ଟାଉନ ପ୍ଲାନିଂ ସ୍କିମ-୧ ଅନ୍ତର୍ଗତ ଆବଣ୍ଟନ ନୀତି ଉପରେ ଆଲୋଚନା କରାଯାଇଥିଲା। ଟିପି ସ୍କିମର ନୋଡାଲ ଅଧିକାରୀ ଯୋଜନାର ପ୍ରମୁଖ ବୈଶିଷ୍ଟ୍ୟଗୁଡ଼ିକୁ ବର୍ଣ୍ଣନା କରିଥିଲେ। ଯେଉଁଥିରେ ଯୋଜନାବଦ୍ଧ ଭିତ୍ତିଭୂମି ବିକାଶ, ଉନ୍ନତ ରାସ୍ତା ସଂଯୋଗୀକରଣ, ସାଧାରଣ ସୁବିଧା ଯୋଗାଣ ଏବଂ ବ୍ୟବସ୍ଥିତ ସହରାଞ୍ଚଳ ବିକାଶ ଅନ୍ତର୍ଭୁକ୍ତ ଥିଲା। ଜମି ମାଲିକମାନଙ୍କୁ ସେମାନଙ୍କ ମତାମତ, ପରାମର୍ଶ ଏବଂ ସମ୍ପୃକ୍ତ ହେବା ପାଇଁ ଉତ୍ସାହିତ କରାଯାଇଥିଲା।

# ସମନ୍ୱୟ ଓ ତଦାରଖ କମିଟି ବୈଠକ

କଟକ,୩୧ା୧(ସମିସ):



ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ବର୍ଷର ପ୍ରଥମ ବିକାଶ ସମନ୍ୱୟ ଏବଂ ତଦାରଖ କମିଟି(ଦିଶା)ବୈଠକ ଆଜି ପୂର୍ବାହ୍ନରେ କଟକ ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଡମଡମଣି ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧ୍ୟକ୍ଷତା କରିଥିଲେ। ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ବାରବାଟୀ-କଟକ ବିଧାୟିକା ଙ୍ଗ ସୋଫିଆ ଫିର୍‌ଦୋସ, ବିଧାୟକ, କଟକ-ସଦର ଙ୍ଗ ପ୍ରକାଶଚନ୍ଦ୍ର ସେଠୀ, ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରା, ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଆଶିଷ ସାହୁ ପ୍ରମୁଖ ଆଲୋଚନା କରିଥିଲେ।

ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଚତୁର୍ଥ ଦିଶା ବୈଠକର ଆଲୋଚନା ହୋଇଥିବା ପ୍ରସ୍ତାବିତ କାର୍ଯ୍ୟସୂଚୀ ଅନୁଯାୟୀ ଗ୍ରହଣ କରାଯାଇଥିବା ସମସ୍ତ କାର୍ଯ୍ୟର ଅଗ୍ରଗତି, କାର୍ଯ୍ୟାନୁଷ୍ଠାନ ଆଦି ସମ୍ପର୍କରେ ଜନ ପ୍ରତିନିଧମାନଙ୍କୁ ବୈଠକରେ ଉପସ୍ଥିତ ହୋଇଥିବା ସଂପୃକ୍ତ ଅଧିକାରୀମାନଙ୍କ ଦ୍ୱାରା ଅବଗତ କରାଯାଇଥିଲା। ଜିଲ୍ଲାରେ ଧାର୍ଯ୍ୟ ଲକ୍ଷ୍ୟ ଅନୁଯାୟୀ ଯେଉଁ ଯେଉଁ ବ୍ଲକରେ ଲକ୍ଷପତି ଦିଦି କମିଛି ତାହାକୁ ତର୍ଜମା ପୂର୍ବକ ପୂରଣ କରାଯିବା ନେଇ ଆଲୋଚନା କରାଯାଇଥିଲା। ସମଗ୍ର ଜିଲ୍ଲାରେ ଜାତୀୟ ଗ୍ରାମୀଣ ଜୀବିକା ମିଶନରେ ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟାଙ୍କ ସଂଯୋଗୀକରଣ ସଂପର୍କରେ ଆଲୋଚନା କରାଯିବା ସହ ଦିନଦୟାଲ ଉପାଧ୍ୟାୟ କୌଶଳ ଯୋଜନା, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମର ଅଗ୍ରଗତି ଉପରେ ଆଲୋଚନା ପୂର୍ବକ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା (ମନରେଗା) ଅନ୍ତର୍ଗତ ଜିଲ୍ଲାର ସମସ୍ତ ବ୍ଲକରେ ଚାଲିଥିବା କାର୍ଯ୍ୟ, ପ୍ରକଳ୍ପର ସ୍ଥିତି, ନିଯୋଜିତ ଶ୍ରମିକ, ସମୁଦାୟ ଶ୍ରମିକ ଦିବସ ଆଦି ସମ୍ବନ୍ଧରେ ସମୀକ୍ଷା ପୂର୍ବକ ଆଲୋଚନା ହୋଇଥିଲା। ଜଳ ଜୀବନ ମିଶନ ଅନ୍ତର୍ଗତ ଜିଲ୍ଲାରେ ମେଗା ପାଇପ ଯୋଗେ ଜଳ ଯୋଗାଣର କାର୍ଯ୍ୟର ଅଗ୍ରଗତି ଏବଂ ଗ୍ରାମୀଣ ପାନୀୟ ଜଳଯୋଗାଣ ସ୍ଥିତି ସମ୍ବନ୍ଧରେ ଆଲୋଚନା କରି ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆବଶ୍ୟକ ନଳକୂପ ଖନନ କରିବା ଉପରେ ଆଲୋଚନା ବୈଠକରେ ଅବଗତ କରାଯାଇଥିଲା। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରାଯିବା ସହ ମୃତ୍ତିକା ଚୟନ ଓ ସଂଗ୍ରହ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତ ଫସଲ ବୀମାରେ ଚାଷୀ ଉପକୃତ ହେବା ସହ କୃଷି ଉଦ୍ୟାନ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟ ପୁରଣ କରାଯିବା ସଂପର୍କରେ ଅବଗତ କରାଯାଇଥିଲା। ତଦାରଖ ପୂର୍ବକ ଜିଲ୍ଲାରେ ଚାଲୁ ରହିଥିବା ସମସ୍ତ ଯୋଜନାଗୁଡିକର ସଫଳ ରୂପାୟନ ନିମନ୍ତେ ସମୀକ୍ଷା ପୂର୍ବକ ବୈଠକରେ ସାଂସଦ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଡ. ଦିବ୍ୟଲୋଚନ ମହନ୍ତ, ଆଠଗଡ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ବାଙ୍କି ଉପଜିଲ୍ଲାପାଳ ପ୍ରଣବ ବେହେରାଙ୍କ ସମେତ ଆଠଗଡ ଓ ବାଙ୍କି ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ, ବିଭିନ୍ନ ବ୍ଲକର ଅଧ୍ୟକ୍ଷ/ଅଧ୍ୟକ୍ଷା,ବିଭିନ୍ନ ବିଭାଗର ଅଧିକ୍ଷଣ ଓ ନିର୍ବାହୀ ଯନ୍ତ୍ରୀ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ବିନା ଓଟିପିରେ ମିଳୁଛି ପଲ୍ୟୁସନ୍ ସାର୍ଟିଫିକେଟ୍

## ଓଡ଼ିଶାରେ ଗାଡ଼ି, ଉତ୍ତରପ୍ରଦେଶରୁ ଆସୁଛି ସାର୍ଟିଫିକେଟ୍







ସାଲେପୁର,୩୧।୧(ସମିସ): ଏବେ ଦୁଇଚକିଆଠାରୁ ଚାରିଚକିଆ ଯାନର ପଲ୍ୟୁସନ୍ ପାଇଁ ସରକାର ନିୟମକୁ କଡାକଡି କରିଥିବାବେଳେ ସାଲେପୁର ଅଞ୍ଚଳରେ ପ୍ରାୟ ୨ଟି ସରକାରୀ ସ୍ୱୀକୃତିପ୍ରାପ୍ତ ପଲ୍ୟୁସେନ୍ ସେଣ୍ଟର ରହିଛି। ଜଣେ ବ୍ୟକ୍ତି ଘରେ ବିନା ରେଜିଷ୍ଟ୍ରେସନ୍‌ରେ ଗାଡ଼ିର ଫଟୋ ଉଠାଇ ପଲ୍ୟୁସନ୍ ସାର୍ଟିଫିକେଟ୍ ପ୍ରଦାନ କରୁଥିବା ନେଇ ଅଭିଯୋଗ ହେଉଛି। ଅଭିଯୋଗରୁ ପ୍ରକାଶ ଯେ ଓଡ଼ିଶାରେ ଦୁଇଚକିଆଠାରୁ ଚାରିଚକିଆ ଯାନର ପଲ୍ୟୁସନ୍ ସେଣ୍ଟର ପକ୍ଷରୁ ପଲ୍ୟୁସନ୍ ଟେଷ୍ଟିଂ କରିବା ସହ ମାଲିକଙ୍କ ମୋବାଇଲକୁ ଓ.ଟି.ପି. ଆସିବାପରେ ପଲ୍ୟୁସନ୍ ସାର୍ଟିଫିକେଟ୍ ପ୍ରଦାନ କରିଥାନ୍ତି। କିନ୍ତୁ ସାଲେପୁର ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ପଲ୍ୟୁସନ୍ ସାର୍ଟିଫିକେଟ୍ ପ୍ରଦାନ କରାଯାଉଥିବା ଅଭିଯୋଗ ହେଉଛି। ଏହି ସେଣ୍ଟରକୁ ଯେଉଁ ଗାଡ଼ି ମାଲିକ ପଲ୍ୟୁସନ୍ ସେଣ୍ଟରକୁ ଯାଉଛନ୍ତି। ସଂପୃକ୍ତ ସେଣ୍ଟରରେ ଗାଡ଼ିର ଫଟୋ ଉଠାଇ ସଂପୃକ୍ତ ଗାଡ଼ି ମାଲିକଙ୍କୁ ବିନା ଓ.ଟି.ପି.ରେ ଉତ୍ତରପ୍ରଦେଶ ରାଜ୍ୟର ପଲ୍ୟୁସନ୍ ସାର୍ଟିଫିକେଟ୍ ଦିଆଯାଉଥିବା ଅଭିଯୋଗ ହେଉଛି। ଏହି ସାର୍ଟିଫିକେଟ୍ ଠିକ୍ କି ଭୁଲ୍ ତାହାନେଇ ଗାଡ଼ିମାଲିକମାନେ ଚିନ୍ତାରେ ପଡୁଛନ୍ତି। ରାଜ୍ୟ ପରିବହନ ବିଭାଗ ଏ ଦିଗରେ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ମାତୃହନ୍ତାକୁ ଆଜୀବନ ଜେଲ୍‌ଦଣ୍ଡ

ଆଠଗଡ଼,୩୧।୧(ସମିସ): ଆଠଗଡ଼ ଏନ୍ଏସି ୧ନଂ ୱାର୍ଡ ହେମମାଳପୁର ଗ୍ରାମରେ ଗତ ଅପ୍ରେଲ ୯ ତାରିଖ ୨୦୨୨ରେ ମାଆ ସୁଷମା ଦଳାଇଙ୍କୁ ହତ୍ୟା ମାମଲାର ବିଚାର କରି ଆଠଗଡ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ରାଜକୁମାର ଦାସ ଅଭିଯୁକ୍ତ ପୁତ୍ର ବିଭୂତି ଭୂଷଣ ଦଳାଇକୁ ଆଜୀବନ କାରାଦଣ୍ଡାଦେଶ ଦେବା ସହିତ ୫୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୧ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି। ପ୍ରକାଶ ଯେ ଅଭିଯୁକ୍ତ ବିଭୂତି ଭୂଷଣ ମାଆ ସୁଷମାଙ୍କୁ ଟଙ୍କା ମାଗିଥିଲେ। ମାତ୍ର ମାଆ ସୁଷମା ପଇସା ନଦେବାରୁ ଉତ୍ତ୍ୟକ୍ତ ହୋଇ ମରଣାନ୍ତକ ମାଡ଼ ମାରିବା ଫଳରେ ପିଞ୍ଜରା ହାଡ ଆଦି ଭାଙ୍ଗି ଦେଇଥିଲେ। ପରିବାର ପକ୍ଷରୁ ଗୁରୁତର ଅବସ୍ଥାରେ ସୁଷମାଙ୍କୁ ପ୍ରଥମେ ଆଠଗଡ ଉପଖଣ୍ଡ ଚିକିତ୍ସାଳୟ ଓ ସେଠାରୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୁଷମାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ସୁଷମା ଦ୍ୱିତୀୟ ପୁତ୍ର ବିଶ୍ୱଭୂଷଣ ଦଳାଇ ଆଠଗଡ ଥାନାରେ ଅଭିଯୋଗ କରିଥିଲେ। ବିଶ୍ୱଭୂଷଣଙ୍କ ଏତଲାକୁ ଭିତ୍ତିକରି ଆଠଗଡ ପୁଲିସ ପକ୍ଷରୁ ମାମଲା ରୁଜୁକରି ଭାରତୀୟ ଦଣ୍ଡ ବିଧି ଆଇନର ଧାରା ୩୦୨ ଅନୁଯାୟୀ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲେ। ସରକାରଙ୍କ ତରଫରୁ ସରକାରୀ ଓକିଲ ଦେବାଶିଷ ସିଟ୍ ଓ ସୁଶାନ୍ତ ମିଶ୍ର ମାମଲା ପରିଚାଳନା କରିଥିଲେ।

## ଜୁଆ ଆଡ୍ଡାରେ ଚଢ଼ଉ
# ୧୦ ଅଟକ, ୧୪ ବାଇକ୍ ଜବତ



ନିଆଳି, ୩୧।୧ (ସମିସ): ନିଆଳି ଥାନା ଅନ୍ତର୍ଗତ ରତନପୁରଠାରେ ଚାଲିଥିବା ବେଆଇନ ଜୁଆ ଆଡ୍ଡା ଉପରେ ଶନିବାର ସନ୍ଧ୍ୟାରେ ନିଆଳି ପୁଲିସ୍ ପକ୍ଷରୁ ଚଢ଼ଉ କରାଯାଇଛି। ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଚଢ଼ଉ କରାଯାଇଥିଲା। ଏହି ସମୟରେ ୧୦ ଜଣଙ୍କୁ ଅଟକ ରଖିଥିବା ବେଳେ ୧୪ଟି ବାଇକ ଓ କିଛି ଟଙ୍କା ଜବତ କରିଥିବା ସୂଚନା ମିଳିଛି।

# ଧର୍ମପ୍ରାଣା ମହିଳାଙ୍କ ପରଲୋକ



ସାଲେପୁର,୩୧।୧(ସମିସ): ପାଟପୁର ଅଞ୍ଚଳର ଧର୍ମପରାୟଣା ମହିଳା ତଥା ସାଲେପୁର ବ୍ଲକ୍ ଅନ୍ତର୍ଗତ ପାଟପୁର ଗ୍ରାମର ସମାଜସେବୀ ଦିଲ୍ଲୀପ ଦାଶଙ୍କ ବଡ଼ବୋଉ ତଥା ସ୍ୱର୍ଗତ ରତ୍ନାକର ଦାଶଙ୍କ ପତ୍ନୀ ଚାରୁଲତା ଦାଶଙ୍କ ୯୩ବର୍ଷ ବୟସରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ, ବୋହୂ, ନାତିନାତୁଣୀ, ବନ୍ଧୁ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସଂପନ୍ନ କରାଯାଇଥିବାବେଳେ ଜ୍ୟେଷ୍ଠପୁତ୍ର ବିଜନ କୁମାର ଦାଶ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ପାଟପୁର ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

# ଅବସରପ୍ରାପ୍ତ ରେଞ୍ଜରଙ୍କ ପରଲୋକ



ନରସିଂହପୁର,୩୧।୧(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ଓସ୍ତନାରାୟଣୀପୁର ଗ୍ରାମର ଅବସରପ୍ରାପ୍ତ ବନବିଭାଗ ରେଞ୍ଜର ପୂର୍ଣଚନ୍ଦ୍ର ମହାନ୍ତି (୮୬)ଙ୍କ ଭୁବନେଶ୍ୱରସ୍ଥିତ କିମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ପରଲୋକ ଘଟିଯାଇଛି। ଡାକ୍ତରଖାନା ପରିସରରେ ପୂର୍ବତନ ବିଧାୟକ ଦେବୀପ୍ରସାଦ ମିଶ୍ର ପହଞ୍ଚି ଶେଷ ଦର୍ଶନ କରିଥିଲେ। ମୃତଦେହ ବାସଭବନରେ ପହଞ୍ଚିବା ପରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କିଶୋରଚନ୍ଦ୍ର ମିଶ୍ର, ଯୁବ ବିଜୁଜନତା ଦଳର ସଭାପତି ନିର୍ମଳ କୁମାର ଜେନା, ବ୍ଲକ ଉପାଧ୍ୟକ୍ଷ ନାରାୟଣ ନାୟକ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ମିଶ୍ର ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୁତ୍ର ରାଜୀବ ମହାନ୍ତି ମୁଖାଗ୍ନି ପ୍ରଦାନ କରିଛନ୍ତି।

# ନରସିଂହପୁର ମହାବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ




ନରସିଂହପୁର, ୩୧।୧(ସମିସ): ନରସିଂହପୁର ମହାବିଦ୍ୟାଳୟର +୩ ଛାତ୍ରୀମାନଙ୍କୁ ନେଇ ଏକ ୧୦ ଦିନିଆ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ୫ଗ୍ରୁପରେ ୨୨୫ ଜଣ ଛାତ୍ରୀଙ୍କୁ ନେଇ ଆରମ୍ଭ ହୋଇଥିବା ଶିବିରକୁ ନରସିଂହପୁର ମହାବିଦ୍ୟାଳୟର ଅଧକ୍ଷ ଡ଼ ଦେବେନ୍ଦ୍ର ନାରାୟଣ ପତ୍ରି ଉଦଘାଟନ କରିଥିଲେ। ଆତ୍ମରକ୍ଷା କୌଶଳର କାର୍ଯ୍ୟକ୍ରମ ଅଧିକାରୀ ତଥା ମହାବିଦ୍ୟାଳୟର ତର୍କ ଓ ଦର୍ଶନ ବିଭାଗର ଅଧ୍ୟାପିକା ରିଙ୍କି ମହାଳିକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅନ୍ୟତମ ଅତିଥି ଭାବେ ଭୂଗୋଳ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଦୀପ୍ତ କୁମାର ମହାରଣା, ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରଶାନ୍ତ କୁମାର ବେହେରା, ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପିକା ସ୍ୱାଗତିକା ସାମନ୍ତରାୟ, ଅଧ୍ୟାପିକା ରଚିତା ସ୍ୱାଇଁ, ଅଧ୍ୟାପିକା ଅଲିମା ମୁଣ୍ଡା, ଅଧ୍ୟାପିକା ଶୁଭଶ୍ମିତା ଉଦାବର ପ୍ରମୁଖ ଯୋଗ ଦେଇଥିଲେ। ସୁପ୍ରିୟା ସାଗରିକା ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ପ୍ରଦାନ କରୁଥିବା ବେଳେ ରିଙ୍କି ମହାଳିକ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଏହି ଶିବିର ୧୦ ଦିନ ଧରି ଚାଲିବ।

# କଟକ ଜିଲ୍ଲା ଦିଶା କମିଟି ବୈଠକ




ଚୌଦ୍ୱାର, ୩୧।୧(ସମିସ): କଟକ ଜିଲ୍ଲାର ଚଳିତ ବର୍ଷ ପାଇଁ ପ୍ରଥମ ଦିଶା କମିଟି ବୈଠକ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ ମଙ୍ଗରାଜପୁର ପଞ୍ଚାୟତ ବନଦେବୀ ଡମଡମଣୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ତଥା ଜିଲ୍ଲାପାଳ ଦତ୍ତାତ୍ରେୟ ଭାଓ ସାହେବ ଶିନ୍ଦେଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, କଟକ ସଦର ବିଧାୟକ ପ୍ରକାଶ ସେଠୀ, ବାର ବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୌଶ, ବଡ଼ମ୍ବା ବିଧାୟକ ବିଜୟ ଦଳବେହେରା ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ଦିନରେ ନିର୍ବାଚନମଣ୍ଡଳୀଗୁଡ଼ିକ ପାଇଁ ବିଭିନ୍ନ ନୂତନ ଯୋଜନା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ, ନିର୍ବାଚନ ମଣ୍ଡଳୀ ଓ ବ୍ଲକ୍ ସ୍ତରୀୟ ଅଧିକାରୀବୃନ୍ଦ ଏହି ବୈଠକରେ ଉପସ୍ଥିତ ଥିଲେ।

# କ୍ରିଏଟିଭ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ

ଚୌଦ୍ୱାର,୩୧।୧(ସମିସ): କ୍ରିଏଟିଭ ପବ୍ଲିକ୍ ସ୍କୁଲର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ବିଚିତ୍ରାନନ୍ଦ ରାଉତରାୟଙ୍କ ପୌରୋହିତ୍ୟରେ ଧୂମାବତୀ ବଜାରସ୍ଥିତ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟି ଅଧ୍ୟକ୍ଷ କିଶୋର କୁମାର ସାହୁ, ବିଦ୍ୟାଳୟ ଅଧ୍ୟକ୍ଷା କଲ୍ୟାଣୀ ମିଶ୍ର, ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ବିମଳ କୁମାର ବେଉରା, ରବୀନ୍ଦ୍ର ମହାପାତ୍ର ପ୍ରମୁଖ ଅତିଥି ଭାବେ ବିଭିନ୍ନ ପ୍ରତିଯୋଗିତରେ ବିଜୟୀ କୃତୀ ପ୍ରତିଯାଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶରତ କୁମାର ନାୟକ, ରାଜକିଶୋର ସାମନ୍ତରାୟ, ଅସିତ୍ ନାୟକ, ଆଲେଶକ କୁମାର ସାହୁ, ରଶ୍ମିରଞ୍ଜନ ଦାସ, ଦେବେନ୍ଦ୍ର ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କଲ୍ୟାଣୀ ମିଶ୍ର ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ। ବିଜୟକେତନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




# ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ତିଗିରିଆ,୩୧।୧(ସମିସ): ତିଗିରିଆ ବ୍ଲକ ନିଜିଗଡ ପଞ୍ଚାୟତ ଅଧିନ ଗୋପୀନାଥପୁର ନୂଆଶାସନସ୍ଥିତ ବାଲୁଙ୍କେଶ୍ୱର ମହାଦେବଙ୍କ ପୀଠରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ରବିବାର ପୂର୍ଣ୍ଣାହୁତି ସହ ଯଜ୍ଞ ଶେଷ ହେବ ବୋଲି ଗ୍ରାମ ଯଜ୍ଞ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଯଜ୍ଞର ପ୍ରତ୍ୟେକ ଦିନ ସନ୍ଧ୍ୟାରେ ମନ୍ଦିର ପରିସରରେ ଭଜନ କୀର୍ତ୍ତନ ପରିବେଷଣ କରାଯାଉଛି। ଏହି ଯଜ୍ଞରେ ଆଚାର୍ଯ୍ୟ ଭାବେ ପଣ୍ଡିତ ଚତୁର୍ଭୁଜ ଦାଶ, କର୍ତ୍ତା ଭାବେ ଘନଶ୍ୟାମ ଦାଶ, ପଣ୍ଡିତ ରଜନୀକାନ୍ତ ମିଶ୍ର, ପବିତ୍ର ଦାଶ, ଟପୁଷି ମିଶ୍ର, ସଞ୍ଜୟ ଦାଶ, ଦାମୋଦର ଦାଶ, ପ୍ରଭଞ୍ଜନ ଦାଶ, ଅରୁଣ ଦାଶ, ଶ୍ୟାମ ପ୍ରସାଦ ମିଶ୍ର ପରିଚାଳନା କରୁଛନ୍ତି।

# କଳିଙ୍ଗ ନୋଡାଲ ସ୍କୁଲ ୧୯୮୧ ବ୍ୟାଚ୍ ବନ୍ଧୁମିଳନ



ଚୌଦ୍ୱାର,୩୧।୧(ସମିସ): କଳିଙ୍ଗ ନୋଡ଼ାଲ ହାଇସ୍କୁଲର ୧୯୮୧ ମ୍ୟାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ନିକଟ ଆଦିତ୍ୟ ନେଚରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ୟାଚ୍‌ର ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ପୁରୁଣା ଦିନର ସ୍ମୃତିକୁ ମନେ ପକାଇଥିଲେ। ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ ସହିତ ବିଭିନ୍ନ ବନ୍ଧୁତ୍ୱପୂର୍ଣ୍ଣ ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାସ୍କର ପ୍ରଧାନ, ସୟଦ ନାଫିସ୍, ଅରବିନ୍ଦ ବିଶ୍ୱାଳ, ସେକ୍ ତୋବାରକ, ତୁଷାର ସ୍ୱାଇଁ, ସଞ୍ଜୟ ରାଉତ ପରିଚାଳନା କରିଥିଲେ।

# ମେଧା ପରୀକ୍ଷାରେ ଶିଶୁ ମନ୍ଦିରର ସଫଳତା

ଚୌଦ୍ୱାର, ୩୧।୧(ସମିସ): ପଠାଣି ସାମନ୍ତ ଗଣିତ ମେଧା ପରୀକ୍ଷାରେ ଚୌଦ୍ୱାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୮ ଜଣ ଛାତ୍ରଛାତ୍ରୀ କୃତିତ୍ୱ ହାସଲ କରିଛନ୍ତି। ନିକଟରେ ପ୍ରକାଶିତ ଫଳାଫଳ ଅନୁଯାୟୀ ଏହି ବିଦ୍ୟାଳୟର ଅଙ୍କିତା ପାଢ଼ୀ, ଲୋହିତା ଷଡ଼ଙ୍ଗୀ, କୀର୍ତ୍ତିରାଜ ବେଜ, ଅନ୍ୟନ୍ୟା ବଳ, ଅନନ୍ୟା ନାୟକ, ଖ୍ୟାତିସ୍ୱରୂପା ଭୂୟାଁ, ଜୈଷ୍ଣବୀ ସାହୁ, ନଳିନୀକାନ୍ତ ଷଡଙ୍ଗୀ, ଆୟୁଷ ମିଶ୍ର, ଓମ୍ ପ୍ରକାଶ ପ୍ରଧାନ, ଋତୁପୂର୍ଣ୍ଣା ଦ୍ୱିବେଦୀ, ଅର୍ପିତା ଭୂୟାଁ, ଓମପ୍ରକାଶ ମହାପାତ୍ର, ଦେବସ୍ମିତା ସାହୁ, ସୌଜନ୍ୟା ଖୁଣ୍ଟିଆ, ଅନ୍ତର୍ଯ୍ୟାମୀ ମହାନ୍ତି, ସୁଗନ୍ଧା ନାୟକ, ଅଂଶୁମାନ ଚରଣ ପ୍ରମୁଖ ଏହି ସଫଳତା ହାସଲ କରି ଟାଙ୍ଗୀ-ଚୌଦ୍ୱାର ବ୍ଲକର ଗୌରବ ବୃଦ୍ଧି କରିଛନ୍ତି। ପରିଚାଳନା କମିଟି ପ୍ରଧାନଆଚାର୍ଯ୍ୟ ସାରଦା ପ୍ରସାଦ ମହାନ୍ତି ଓ ସମସ୍ତ ଗୁରୁଜୀ ଗୁରୁମା ତଥା ଅଭିଭାବକ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଅକ୍ସଫୋର୍ଡ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ




ଫୁଲନଖରା,୩୧।୧(ସମିସ): ତେଲେଙ୍ଗାପେଣ୍ଠ ନିକଟସ୍ଥ ଢ଼ିଅ ନଛିପୁର ଗ୍ରାମସ୍ଥିତ ଅକ୍ସଫୋର୍ଡ ପବ୍ଲିକ୍ ସ୍କୁଲରେ ବାର୍ଷିକ ଉତ୍ସବ ବିଦ୍ୟାଳୟର ଅଧ୍ୟକ୍ଷ ନୟନ କିଶୋର ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସଂଜୁବାଳା ମିଶ୍ର ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ୍ ସ୍ୱାଧୀନଚେତା ମହାନ୍ତି, ସିଆରସିସି ଅନନ୍ତ ବେହେରା, ବିଦ୍ୟାଳୟର ଉପଦେଷ୍ଟା ଆଇନଜୀବୀ ଛବି ବେହେରା, ବିଦ୍ୟାଳୟର ନିର୍ଦ୍ଦେଶକ ବଳରାମ ସାହୁ, ଶିକ୍ଷାବିତ୍ ପ୍ରମୋଦ ମହାନ୍ତି, ଢ଼ିଅ ନଛିପୁର ଗ୍ରାମ୍ୟ କମିଟି ସଭାପତି ମହେନ୍ଦ୍ର ବେହେରା, ସଂପାଦକ ପ୍ରଦୀପ ଦାସ, ବଢ଼େଇସାହି ଗ୍ରାମ୍ୟ କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ମୁଦୁଲି ଓ ଅଭିଭାବକ ରଣଜିତ୍ ପଣ୍ଡା ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡଃ ଅଜିତ ରଣା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ବରିଷ୍ଠ ଶିକ୍ଷକ ରମାକାନ୍ତ ସାହୁ ମଞ୍ଚ ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମାଘସପ୍ତମୀରେ ବିରୂପା ନଦୀରେ ସନ୍ଧ୍ୟା ଆଳତି

ସାଲେପୁର,୩୧।୧(ସମିସ): ପବିତ୍ର ମାଘସପ୍ତମୀ ଅବସରରେ ବିରୂପା ନଦୀରେ ସାଲେପୁର ବ୍ଲକ୍ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମରେ ଶ୍ରୀଜଗନ୍ନାଥ ଭକ୍ତସମାଜ ଦ୍ୱାରା ପୁଣ୍ୟତୋୟା ବିରୂପା ନଦୀ ମଧୁସୂଦନ ସେତୁ ନିକଟରେ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ପ୍ରାଣଦାୟିନୀ ମା'ବିରୂପା ନଦୀରେ ଆଳତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଶ୍ରୀଜଗନ୍ନାଥ ଭକ୍ତ ସମାଜର ସଂଯୋଜକ ତଥା ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ସୁରେନ୍ଦ୍ର ନାଥ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଳତୀ କାର୍ଯ୍ୟକ୍ରମରେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଶ୍ରୀଜଗନ୍ନାଥ ଭକ୍ତ ସମାଜର ସଂପାଦକ ବିଶ୍ୱରଂଜନ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଆଳତୀ କାର୍ଯ୍ୟକ୍ରମକୁ ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ସୁଧିର ପ୍ରସାଦ ନନ୍ଦ ପରିଚାଳନା କରିଥିଲେ। ଶ୍ରୀଜଗନ୍ନାଥ ଭକ୍ତସମାଜର କୋଷାଧ୍ୟକ୍ଷ ମହେନ୍ଦ୍ର କୁମାର ପତି, ସୁରେନ୍ଦ୍ର ମହାରଣା, ମାଧବାନନ୍ଦ ବାରିକ, ପ୍ରଦୀପ ରାଉତ, ଦୁଃଶାସନ ରାଉତ, ହୃଷୀକେଶ ମହାରଣା, ଦେବେନ୍ଦ୍ର ରାଉତ, ବଳରାମ ଘଡେଇ, ପ୍ରକାଶ ରାଉତ, ରିତିକ ରାଉତ, ସୁନିତା ସାମଲ, ମୋନାଲିସା ସ୍ୱାଇଁଙ୍କ ସମେତ ଗୋପୀନାଥପୁରର ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ।



# ସାଲେପୁର ଶିଶୁମନ୍ଦିର ରାସ୍ତାରେ ପାର୍କିଂ ସମସ୍ୟା



**କ୍ଲିନିକ୍ ମାଲିକଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ● ଛାତ୍ରଛାତ୍ରୀ ଓ ଦମକଳ ଗାଡ଼ି ଯିବା ଆସିବାରେ ନାହିଁ ନ ଥିବା ଅସୁବିଧା**

ସାଲେପୁର,୩୧ା୧(ସମିସ): ସାଲେପୁର ଅଞ୍ଚଳର ଏକ ପ୍ରମୁଖ ତଥା ଗୁରୁତ୍ୱପୂର୍ଣ୍ଣ ଶିଶୁମନ୍ଦିର ରାସ୍ତା ଏବେ ଜନସାଧାରଣଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏହି ରାସ୍ତା କଡ଼ରେ ଥିବା ଏକ ଘରୋଇ କ୍ଲିନିକ୍ ମାଲିକଙ୍କ ମନମୁଖୀ କାର୍ଯ୍ୟ ଓ ପାର୍କିଂ ବ୍ୟବସ୍ଥାର ଅଭାବ ଯୋଗୁଁ ରାସ୍ତା ଉପରେ ଚାରିଚକିଆ ଯାନଗୁଡ଼ିକ ଘଣ୍ଟା ଘଣ୍ଟା ଧରି ଛିଡ଼ା ହୋଇ ରହୁଛି। ଫଳରେ ସ୍କୁଲ ଛାତ୍ରଛାତ୍ରୀ, ବଟେଶ୍ୱର ଓ କୋଲଣପୁର ଅଞ୍ଚଳକୁ ଯାତାୟାତ କରୁଥିବା ଶତାଧିକ ଲୋକଙ୍କ ସମେତ ଜରୁରୀକାଳୀନ ସେବା ଯୋଗାଉଥିବା ଦମକଳ ଗାଡ଼ି ଯିବା ଆସିବାରେ ବ୍ୟାପକ ବ୍ୟାଘାତ ସୃଷ୍ଟି ହେଉଛି। ଅଭିଯୋଗରୁ ପ୍ରକାଶ ଯେ, କ୍ଲିନିକ୍‌କୁ ଚିକିତ୍ସା ପାଇଁ ଆସୁଥିବା ରୋଗୀମାନେ ନିଜ ନିଜର ଗାଡ଼ିଗୁଡ଼ିକୁ ରାସ୍ତା ଉପରେ ରଖୁଛନ୍ତି। ପାର୍କିଂ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ନ ଥିବାରୁ ଏହି ଗାଡ଼ିଗୁଡ଼ିକ ଯୋଗୁଁ ପ୍ରତିଦିନ ରାସ୍ତା ଜାମ୍ ରହୁଛି। ଏହା କେବଳ ଯାତାୟାତରେ ବାଧା ସୃଷ୍ଟି କରୁନାହିଁ, ବରଂ ପ୍ରତି ମୁହୂର୍ତ୍ତରେ ଦୁର୍ଘଟଣାର ସମ୍ଭାବନା ମଧ୍ୟ ବୃଦ୍ଧି କରୁଛି। ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି, ଏହି କ୍ଲିନିକ୍‌ରେ ଚିକିତ୍ସା କରୁଥିବା ଡାକ୍ତର ଜଣକ ଜଣେ ସରକାରୀ କର୍ମଚାରୀ ହୋଇଥିବା ବେଳେ ଅଧିକାଂଶ ସମୟରେ ନିଜ କାର୍ଯ୍ୟ ସମୟରେ ଏଠାରେ ରୋଗୀ ଦେଖୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ବାସିନ୍ଦା ଓ ଅଭିଭାବକମାନେ ଏନେଇ ଗଭୀର ଉଦବେଗ ପ୍ରକାଶ କରିବା ସହ ତୁରନ୍ତ ରାସ୍ତା ଅବରୋଧ ହଟାଇବା ଏବଂ ବେଆଇନ ପାର୍କିଂ କରୁଥିବା ଗାଡ଼ି ଓ କ୍ଲିନିକ୍ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଯଦି ଜରୁରିକାଳୀନ ସମୟରେ କୌଣସି ଅଘଟଣ ଘଟେ, ତେବେ ଏଥିପାଇଁ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

**ଅସଦାଚରଣ ପାଇଁ ପ୍ରଧାନଶିକ୍ଷକ ଜେଲ୍ ଯିବା ଘଟଣା**

# ମିଥ୍ୟା ମାମଲା ନେଇ ସ୍କୁଲ ବନ୍ଦକଲେ ଅଭିଭାବକ



ନିଶ୍ଚିନ୍ତକୋଇଲି,୩୧ା୧(ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ଗୋପୀନାଥପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁବାସଚନ୍ଦ୍ର ଦାସଙ୍କୁ ମିଥ୍ୟା ମାମଲାରେ ଫସାଇ ଜେଲ୍ ପଠାଇ ଦିଆଯାଇଥିବା ଅଭିଯୋଗ ନେଇ ଶନିବାର ବହୁ ଅଭିଭାବକ ଆନ୍ଦୋଳନ କରି ସ୍କୁଲ ବନ୍ଦ କରିଥିଲେ। ଖବରପାଇ ଘଟଣାସ୍ଥଳରେ ନିଶ୍ଚିନ୍ତକୋଇଲି ଆଇଆଇସି ଅନୀତା ସାହୁ ଏବଂ ମଣ୍ଡଳ ଶିକ୍ଷାଧିକାରୀ ସଂଯୁକ୍ତା ମହାପାତ୍ର ୩ ଘଣ୍ଟା କାଳ ବିଦ୍ୟାଳୟରେ ରହି ଅଭିଭାବକଙ୍କୁ ବୁଝାସୁଝା କରିବା ପରେ ସୋମବାର ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଏହି ବିଦ୍ୟାଳୟରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ରାଜନୈତିକ ତିକ୍ତତା ଯୋଗୁଁ ନିରୀହ ପ୍ରଧାନଶିକ୍ଷକ ଫସିଯାଇଥିବା ଅଭିଭାବକ ଅଭିଯୋଗ କରିଛନ୍ତି। ଅଭିଭାବକଙ୍କର ବିଭିନ୍ନ ପ୍ରଶ୍ନରେ ମଣ୍ଡଳ ଶିକ୍ଷାଧିକାରୀ ଓ ଆଇଆଇସି ନିରୁତ୍ତର ହୋଇଥିଲେ। ପ୍ରକୃତ ଘଟଣାର ସତ୍ୟତା ପର୍ଦ୍ଦାଫାସ୍ ନହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ ବିଦ୍ୟାଳୟରେ ତାଲା ପଡ଼ିବ ବୋଲି ବହୁ ଅଭିଭାବକ ଚେତାବନୀ ଦେଇଥିଲେ। ଏହି ବିଦ୍ୟାଳୟରେ ଦୀର୍ଘବର୍ଷ ହେବ ଜଣେ ଶିକ୍ଷୟିତ୍ରୀ ଏଠାରେ ରହି ତା'ର କାୟାବିସ୍ତାର କରି ବିଦ୍ୟାଳୟରେ ବିଭିନ୍ନ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି କରୁଥିଲା ବେଳେ ମଣ୍ଡଳ ଶିକ୍ଷାଧିକାରୀ କ'ଣ ପାଇଁ ସଂପୃକ୍ତ ଶିକ୍ଷୟିତ୍ରୀଙ୍କୁ ଏଠାରୁ ବଦଳି କରି ନଥିଲେ ସେନେଇ ମଧ୍ୟ ଅଭିଭାବକମାନେ ପ୍ରଶ୍ନ ଉଠାଇଥିଲେ। ସୋମବାର ଉଚ୍ଚପଦସ୍ଥ ଅଧିକାରୀମାନେ ବିଦ୍ୟାଳୟକୁ ଆସି ଅଭିଭାବକଙ୍କ ସହ ଆଲୋଚନା କଲା ପରେ ଏଠାରେ ପରିସ୍ଥିତି ଶାନ୍ତ ହେବ ବୋଲି ଜଣାପଡିଛି। ଏ ସଂକ୍ରାନ୍ତରେ ନିଶ୍ଚିନ୍ତକୋଇଲି ଥାନାଧିକାରୀଙ୍କୁ ପଚାରିବାରୁ ସେ ଆଇନ ଅନୁଯାୟୀ କାର୍ଯ୍ୟ କରିଥିବା ପ୍ରକାଶ କରିଛନ୍ତି।

## ଏଲ୍ ଆଣ୍ଡ ଟି ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ତିଗିରିଆ,୩୧ା୧(ସମିସ): ତିଗିରିଆ ବ୍ଲକରେ ରେଙ୍ଗାଲି ଦକ୍ଷିଣ ଭୂତଳ ପାଇପ ଲାଇନ ବିଛାଇବା କାର୍ଯ୍ୟରେ ନିୟୋଜିତ ଥିବା ଏଲ ଆଣ୍ଡ ଟି କମ୍ପାନୀ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। କମ୍ପାନୀର ନିଜିଗଡ଼ ପଞ୍ଚାୟତ ସ୍ଥିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ କମ୍ପାନୀର ପ୍ରକଳ୍ପ ଅଧିକାରୀ ଏସ. ମୂରଲୀ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ କମ୍ପାନୀର ସୁରକ୍ଷା ଅଧିକାରୀ ଗୌରବ କୁମାର, ପ୍ରଶାସନିକ ଅଧିକାରୀ ରବୀନ୍ଦ୍ର କୁମାର ଝା, ଯନ୍ତ୍ରୀ ସୁବାସ ଯାଦବ, ସହ ପ୍ରକଳ୍ପ ଅଧିକାରୀ ଅଭିମନ୍ୟୁ ବିଶ୍ୱାଳ ଯୋଗଦେଇଥିଲେ। ଏହି ଶିବିରରେ ଡାକ୍ତର ଦେବାନନ୍ଦ ତୁଙ୍ଗ, ଫାର୍ମାସିଷ୍ଟ ପ୍ରଦୀପ ନାୟକ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ। ଏହି ଶିବିରରେ ମୋଟ ୬୦ ଜଣଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିବିର ପରିଚାଳନାରେ କମ୍ପାନୀର ଟାଇମ କିପର ଆଲୋକ ବେଉରା, ଧୀରେନ ଦାସ, ଗୋପୀନାଥ କଅଁରଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

## ପିପି କଲେଜରେ ସେମିନାର ପ୍ରତିଯୋଗିତା

ନିଶ୍ଚିନ୍ତକୋଇଲି,୩୧ା୧(ସମିସ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟରେ ସ୍ନାତକ କଳା ଓ ବିଜ୍ଞାନ ସମ୍ମାନର ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଏକ ସେମିନାର ଉପସ୍ଥାପନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷା ପ୍ରଫେସର ଡ. ତରୁଲତା ଦେବୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। କଳା ବିଭାଗ ପାଇଁ ଆଧୁନିକ ବିଶ୍ୱରେ ଭାରତୀୟ ଜ୍ଞାନର ପରମ୍ପରାର ପ୍ରାସଙ୍ଗିକତା ଓ ବିଜ୍ଞାନ ବିଭାଗ ପାଇଁ ସାଇବର ନିରାପତାରେ କୃତ୍ରିମ ବୁଦ୍ଧିମତାର ଭୂମିକା ଶୀର୍ଷକ ଆଲୋଚନା ଚକ୍ର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଚାରକ ଭାବେ ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଡ. ଉମେଶଚନ୍ଦ୍ର ପତି, ସୁଭଦ୍ରା ମହତାବ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ପଦାରବିନ୍ଦ ବିଶ୍ୱାଳ ଯୋଗଦେଇ ବିଷୟ ବିଶେଷଜ୍ଞ ଭାବେ ଭିତ୍ତି ନିବନ୍ଧ ଉପସ୍ଥାପନା କରିଥିଲେ। କଲେଜର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଡ. ପଦ୍ମଲୋଚନ ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅଧ୍ୟାପକ ଡ. ଅଲେଖ ଚନ୍ଦ୍ର ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଜ୍ଞାନ ବିଭାଗରେ ନିବନ୍ଧ ଉପସ୍ଥାପକ ଭାବେ ଲିପ୍ସା ପ୍ରିୟଦର୍ଶିନୀ ପୁହାଣ, ବର୍ଷାରାଣୀ ସ୍ୱାଇଁ, ନିହାରିକା ସିଂ, ପୂଜା ସାହୁ ଓ କଳା ବିଭାଗରେ ଶୁଭଲକ୍ଷ୍ମୀ ପଣ୍ଡା, ପ୍ରିୟମ୍ବଦା ମହାନ୍ତି, ପ୍ରିୟଙ୍କା ପ୍ରିୟଦର୍ଶିନୀ ପାଢୀ, ଲିନା ପଣ୍ଡା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କଲେଜର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲା ବେଳେ କଲେଜର ଶୈକ୍ଷିକ ଅଧିକାରୀ ପ୍ରଫେସର ପ୍ରଶାନ୍ତ ଭାରତୀ ଧନ୍ୟବାଦ ଦେଇଥିଲେ।

## ବେଣ୍ଟପଦା ମଣ୍ଡଳରେ ହିନ୍ଦୁ ସମ୍ମିଳନୀ

ଆଠଗଡ,୩୧ା୧(ସମିସ): ଆଠଗଡ଼ ଖଣ୍ଡ ଅନ୍ତର୍ଗତ ବେଣ୍ଟପଦାସ୍ଥିତ ଶ୍ରୀ ଶ୍ରୀ ବ୍ରଜବିହାରୀ ଦେବ ମନ୍ଦିର ପ୍ରାଙ୍ଗଣରେ ବେଣ୍ଟପଦା ମଣ୍ଡଳର ହିନ୍ଦୁ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ବିଶ୍ୱ ହିନ୍ଦୁ ପରିଷଦର ପୂର୍ବତନ ଆଠଗଡ ସାଂଗଠନିକ ଜିଲ୍ଲା ସମ୍ପାଦକ ଶରତ ଚନ୍ଦ୍ର ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ସ୍ୱାମୀ ଆଞ୍ଜନେୟାନନ୍ଦ ଗିରି, ମୁଖ୍ୟବକ୍ତା ଭାବେ ଅସିତ ସାହୁ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହ ପ୍ରାନ୍ତ ପ୍ରଚାରକ, ଓଡ଼ିଶା ପୂର୍ବ, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ ପଦ୍ମନାଭ ଶତପଥୀ, ବିଜୟ ମହାନ୍ତି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହ ଜିଲ୍ଲା ସେବା ପ୍ରମୁଖ କଟକ ଜିଲ୍ଲା ସରୋଜକାନ୍ତ ପାଇଟଲ ପ୍ରମୁଖ ଉପସ୍ଥିତ ଥିଲେ। ଆଠଗଡ଼ ଖଣ୍ଡର ହିନ୍ଦୁ ସମ୍ମିଳନୀ ସଂଯୋଜକ ଶିଶିର ମଲ୍ଲିକ ଅତିଥିଙ୍କ ପରିଚୟ ପ୍ରଦାନ, ଶିକ୍ଷାବିତ ନବକିଶୋର ରାଉତ କାର୍ଯ୍ୟକ୍ରମ ସଂଯୋଜନା ଏବଂ ସମାଜସେବୀ ବିଶ୍ୱନାଥ ସାହୁ ଧନ୍ୟବାଦ ଦେଇଥିଲେ। ସନ୍ତୋଷ ସେନାପତି, ପ୍ରକାଶ ଚନ୍ଦ୍ର ବେହେରା, ଦିନେଶ ସାହୁ, ମିଲନ ଦାସ, ସୁଦ୍ଧାନିଧି ସାହୁ ଓ ସତୀଶ ରଞ୍ଜନ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ନଗର କୀର୍ତ୍ତନ, ଯଜ୍ଞ ଓ ହନୁମାନ ଚାଳିଶା ପାଠ କରାଯିବା ସହ ୫୦୦ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦାନ କରି ପ୍ରସାଦ ସେବନ କରିଥିଲେ।

# କଟରପଡ଼ା ବିଦ୍ୟାଳୟ ସମୂହର ବାର୍ଷିକ ପୁରସ୍କାର ବିତରଣୀ



ନିଶ୍ଚିନ୍ତକୋଇଲି,୩୧ା୧(ସମିସ): କଟରପଡ଼ାସ୍ଥିତ କ୍ଷେତ୍ରମୋହନ ବିଦ୍ୟାପୀଠ ଓ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସମୂହର ୩୫ତମ ବାର୍ଷିକ ପୁରସ୍କାର ବିତରଣୀ ଏବଂ ବିଦ୍ୟାଳୟର ପ୍ରତିଷ୍ଠାତା କ୍ଷେତ୍ରମୋହନ ସ୍ୱାଇଁଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଛି। ପ୍ରଧାନଶିକ୍ଷକ ମହାଶିଷ ତରାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଉଚ୍ଚ ମାଧ୍ୟମିକଶିକ୍ଷା ନିର୍ଦ୍ଦେଶାଳୟର ପ୍ରାକ୍ତନ ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ବିଶ୍ୱଜିତ୍ ଘୋଷ ପ୍ରତ୍ୟେକ ବିଦ୍ୟାଳୟରେ ବିଦ୍ୟାର୍ଥୀଙ୍କୁ ସଂସ୍କାରୀ, ତ୍ୟାଗୀ, ସନ୍ଧାନୀ, ଦେଶଭକ୍ତ ଏବଂ ଶୃଙ୍ଖଳିତ କରିବାକୁ ଶିକ୍ଷକ ଓ ଅଭିଭାବକମାନେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସେବା ନିବୃତ ପ୍ରଧାନ ଶିକ୍ଷକ ତଥା ସାହିତ୍ୟିକ ଶାରଦା ପ୍ରସାଦ ମିଶ୍ର ଯୋଗ ଦେଇ ସଫଳତା ପାଇଁ ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ଜୀବନଚର୍ଯ୍ୟା ଆପଣାଇବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ସରପଞ୍ଚ ରାକେଶ କୁମାର ସାମଲ, ସମିତିସଭ୍ୟା ସ୍ୱାଗତିକା ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଲକ୍ଷ୍ମୀପ୍ରିୟା ପଣ୍ଡା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ମହେନ୍ଦ୍ର ଘଡେଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଚିତ୍ରାଞ୍ଜଳୀ ଚୌଧୁରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଜମ୍ବୁବତୀ ଦେବୀ ମେମୋରିଆଲ ଟ୍ରଷ୍ଟ, ଧରଣୀଧର ବେଉରା ମେମୋରିଆଲ ଟ୍ରଷ୍ଟ, ରାମଚନ୍ଦ୍ର ପୃଷ୍ଟି ମେମୋରିଆଲ ଟ୍ରଷ୍ଟ, କାହ୍ନୁପ୍ରକାଶନୀ ବଜେନ୍ଦ୍ରନାଥ ନାୟକ ମେମୋରିଆଲ ଟ୍ରଷ୍ଟ ଓ ଜୟମାଳତୀ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ କୃତୀ ଛାତ୍ରୀ ରିଙ୍କି ଦାସ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ନନ୍ଦିନୀପ୍ରଭା ନାୟକ, ଶୁଭ୍ରାଂଶୁ ଜେନା, ନୁସରତ ଜମାଲ, ଶୁଭଲକ୍ଷ୍ମୀ ସ୍ୱାଇଁଙ୍କ ସମେତ ବହୁ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଅମିତ କୁମାର ପାତ୍ର, ଗୌରାଙ୍ଗ ସାହୁ, ଜାନକୀ ମଲିକ, ଶୁଭଶ୍ରୀ ଷଡ଼ଙ୍ଗୀ, ମମତା ପ୍ରିୟଦର୍ଶିନୀ ଲେଙ୍କା, ଝରାଶ୍ରୀ ଭଦ୍ର, ମାଳତୀ ସେଠୀ, ପ୍ରଶାନ୍ତ ସ୍ୱାଇଁ ଓ ଶରତ ପରିଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୁନୀତା ରଥ ବେଦପାଠ ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଟାଙ୍ଗୀ, ୩୧ା୧(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ କନ୍ହେଇପୁର ପଞ୍ଚାୟତ କନ୍ହେଇପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ବାରିକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ପରିଚାଳନା କମିଟି ଓ ପୁରାତନ ବିଦ୍ୟାର୍ଥୀଙ୍କ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ପରିଚାଳନା କମିଟି ସଭାପତି ଡମ୍ବରୁଧର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମଣ୍ଡଳ ଶିକ୍ଷାଧିକାରୀ ପ୍ରଭାତ ନାୟକ ମୁଖ୍ୟଅତିଥି, କେନ୍ଦ୍ରାପଡ଼ା ସାଂସଦ ପ୍ରତିନିଧି ଚୌଧୁରୀ ହେମନ୍ତ କୁମାର ସାହୁ, ସିଆରସିସି ଲବଙ୍ଗଲତା ନାୟକ, ବ୍ଲକ ବିଜେଡ଼ି ସଭାପତି ଧିରେନ୍ଦ୍ର କୁମାର ଜେଠୀ, ସାମ୍ବାଦିକ ଡମ୍ବରୁଧର ବେହେରା, ଅବସରପ୍ରାପ୍ତ ଶିକ୍ଷକ କ୍ଷେତ୍ରମୋହନ ନାୟକ, ରଘୁନାଥ ଜେଠୀ, ମାୟାଧର ବାରିକ ଓ ବରିଷ୍ଠ ନାଗରିକ ବିଶ୍ୱନାଥ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସାମାଜିକ କର୍ମୀ ବଂଶୀଧର ବିଶ୍ୱାଳ ମଞ୍ଚ ପରିଚାଳନା କରିଥିବାବେଳେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଦାସ ମାନପତ୍ର ପଠନ ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ପିଏମ୍‌ଶ୍ରୀ ଅହମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



ନିଶ୍ଚିନ୍ତକୋଇଲି, ୩୧ା୧(ସମିସ): ନିଶ୍ଚିନ୍ତକୋଇଲି ମୁଖ୍ୟାଳୟରେ ଥିବା ପିଏମ୍‌ଶ୍ରୀ ଅହମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ତିନି ଦିନ ଧରି ସ୍ଥାନୀୟ ମିନି ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇ ଶନିବାର ଉଦ୍‌ଯାପିତ ହୋଇଛି। ମା' ବେଲେଶ୍ୱରୀଙ୍କ ମନ୍ଦିରରୁ କ୍ରୀଡ଼ାଜ୍ୟୋତି ନିଆଯିବା ପରେ ବିଡିଓ ଦ୍ୱିବେନ୍ଦୁ ଦାସ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। କ୍ରୀଡ଼ା ଶିକ୍ଷକ ଲକ୍ଷ୍ମୀଧର ମହାନ୍ତି ଓ ଶ୍ରୀରାମ ମିଶ୍ରଙ୍କ ସଂଯୋଜନାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ବିଭାଗ କରାଯାଇ ୧୦ ପ୍ରକାର କ୍ରୀଡାରେ ପ୍ରତିଯୋଗିତା ହୋଇଥିଲା। ଖେଳ ଶିକ୍ଷକ ରଘୁନାଥ ପଣ୍ଡା, ଜାନକୀ ବଲ୍ଲଭ ସେଠୀ, ଜିତେନ୍ଦ୍ର ମହାନ୍ତି କ୍ରୀଡା ପରିଚାଳନା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ କାଦମ୍ବିନୀ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ତହସିଲଦାର ଦମୟନ୍ତୀ ସାହୁ, ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସ୍ତମ୍ଭକାର ପ୍ରମୋଦ ନାୟକ, ସମ୍ମାନିତ ଅତିଥି ଭାବେ ଭକ୍ତଚରଣ ପଣ୍ଡା, ମାୟାଧର ବେହେରା, ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ମିନତୀ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚଳିତ ବର୍ଷ ବିଭିନ୍ନ ବିଭାଗରେ ସେକ୍ ଜବୀର ହୁସେନ, କାଦଲ ସାହୁ, ସେକ୍ ଅର୍ସଦ, ଅଙ୍କିତା ବେଦାନ୍ତ, ଦିବ୍ୟରଂଜନ ବେହେରା, ପ୍ରଭାସିନୀ ସରଣ, ସାଇ ଶୁଭମ୍ ଗୋଚ୍ଛାୟତ, ଶୁଭାଷିନୀ ସରଣ ପ୍ରମୁଖ ଚାମ୍ପିୟନ ହୋଇ ପୁରସ୍କୃତ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପ୍ରହରାଜ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋପରା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ତିଗିରିଆ,୩୧ା୧(ସମିସ): ତିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁ ନୂଆସଡକ ସ୍ଥିତ ପୋପରା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ପୋପରା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ମୁଖ୍ୟବକ୍ତା ଭାବେ ଆଠଗଡ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ହେମନ୍ତ ଜେନା, ସମ୍ମାନିତ ଅତିଥିଭାବେ ତିଗିରିଆ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ଞାନରଞ୍ଜନ ବଡ଼ଜେନା, ପାଞ୍ଚଗାଁ ସରପଞ୍ଚ ନିରଞ୍ଜନ ଦଳେଇ, ତିଗିରିଆ ବ୍ଲକ ସହ ଶିକ୍ଷା ଅଧିକାରୀ ମାଧବ ଚନ୍ଦ୍ର ଦେହୁରୀ, ସିଆରସିସି ପ୍ରଶାନ୍ତ ଘଡେଇ ଓ ସାମାଜିକ କର୍ମୀ ତଥା ଆଇନଜୀବୀ ରଘୁନାଥ ଦାଶ ପ୍ରମୁଖ ଯୋଗଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ରାଉତ ସଭାପତିତ୍ୱ କରିବା ସହିତ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ତପସ୍ୱିନୀ ଜେନା, ସୁନିତା ପାଣିଗ୍ରାହୀ, ଶିକ୍ଷକ ଚନ୍ଦ୍ରମଣି ଶବର ଓ ପ୍ରଦ୍ୟୁମ୍ନ ଜେନାଙ୍କ ସହିତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ପୀତାମ୍ବର ସାହୁଙ୍କ ସ୍ମୃତିସଭା

ନିଶ୍ଚିନ୍ତକୋଇଲି,୩୧ା୧(ସମିସ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହ୍ଲାଦ ମହାବିଦ୍ୟାଳୟର ଜମିଦାତା ତଥା ସମାଜସେବୀ ପୀତାମ୍ବର ସାହୁଙ୍କ ଦ୍ୱାଦଶ ଦିବସ ଅବସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ହିମାଂଶୁ ନାରାୟଣ ମଲ୍ଲଙ୍କ ସଂଯୋଜନାରେ ଏହି ସ୍ମୃତିସଭାରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ବ୍ଲକ ବିଜେଡି ସଭାପତି ଜ୍ୟୋତିପ୍ରକାଶ ସ୍ୱାଇଁ, କଟକଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦୀପ୍ତ କୁମାର ଦାସ, ପିସିସି ସଭ୍ୟ ନାରାୟଣ ଦ୍ୱିବେଦୀ, ସମିତିସଭ୍ୟ ପ୍ରଦୋଷ ସାହୁ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ସାହୁ, କ୍ଷୀରୋଦଚନ୍ଦ୍ର ପଣ୍ଡା, ପି.ପି. କଲେଜ ଅଧ୍ୟକ୍ଷା ଡ. ତରୁଲତା ଦେବୀ, ପୂର୍ବତନ ଅଧ୍ୟକ୍ଷ ଏକାଦଶୀ ସେନାପତି, ପ୍ରବୋଧ କୁମାର ଚାନ୍ଦ ଏହି ସ୍ମୃତିସଭାରେ ଯୋଗ ଦେଇଥିଲେ। ପୁତ୍ର ସୁଧାଂଶୁ ଭୂଷଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା



ଟାଙ୍ଗୀ, ୩୧ା୧(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ କୋଟସାହି ପଞ୍ଚାୟତ ଟାଙ୍ଗୀ ଜାକନାସାହି ନିବାସୀ ସ୍ୱର୍ଗତ ମନୁଆ ନନା ଓରଫ ମନୋରଞ୍ଜନ ଷଡ଼ଙ୍ଗୀଙ୍କ ଦ୍ୱାଦଶାହ ଶ୍ରଦ୍ଧାଞ୍ଜଳି ସଭା ଶନିବାର ଅନୁଷ୍ଠିତ ହୋଇଯାଇଛି। ଟେଟ୍ରାହେଡ୍ରନ ଗୃପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ସମେତ ଆଖପାଖ ଅଞ୍ଚଳରେ ଜଜମାନଙ୍କୁ ସେବା ଯୋଗାଉଥିବା ସ୍ୱର୍ଗତ ଷଡ଼ଙ୍ଗୀଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ପିତା ତଥା ଗାୟକ ଲକ୍ଷ୍ମୀଧର ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରକାଶଥାଉ କି, ମନୁଆ ନନା (୪୬) ଚଳିତ ମାସରେ ସଡ଼କ ଦୁର୍ଘଟଣାର ଶିକାର ହୋଇ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ।

# ସୁସ୍ଥ ସମାଜ ଗଠନରେ ସାହିତ୍ୟର ଭୂମିକା ଅନନ୍ୟ




ବଡ଼ମ୍ବା,୩୧ା୧(ସମିସ): ସାହିତ୍ୟ ହେଉଛି ସମାଜର ଦର୍ପଣ ଏବଂ ଏକ ସୁସ୍ଥ ସମାଜ ଗଠନରେ ସାହିତ୍ୟିକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ ପାଇଛି। ବୃହଦମ୍ବା ସମ୍ମିଳିତ ସାରସ୍ୱତ ସଂସ୍ଥାନ ଓ ବିଧାୟକ ବିଜୟ କୁମାର ଦଳବେହେରାଙ୍କ ପୃଷ୍ଠପୋଷକତାରେ ଖାରୋଡ଼ ଗଡ଼ସ୍ଥିତ ମା' ମହାକାଳୀଙ୍କ ପୀଠ ଏବଂ ଚନ୍ଦ୍ରଗିରି ପର୍ବତ ପାଦଦେଶରେ ଏକ ଭବ୍ୟ ସାହିତ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନରସିଂହପୁର ସାହିତ୍ୟ ସମାଜର ସଭାପତି ସଦାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ବିଧାୟକ ଶ୍ରୀ ଦଳବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ବଡ଼ମ୍ବା ଓ ନରସିଂହପୁରର ସାମଗ୍ରିକ ବିକାଶ ପାଇଁ ଲେଖକମାନେ ନିଜ କଲମ ଚାଳନା କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ "ସମାଜ ପରିବର୍ତ୍ତନରେ ସାହିତ୍ୟର ଆବଶ୍ୟକତା' ଶୀର୍ଷକ ଆଲୋଚନା ଚକ୍ରରେ ବିଭିନ୍ନ ସାହିତ୍ୟ ସଂସଦର କର୍ମକର୍ତ୍ତାମାନେ ଯୋଗଦେଇ କହିଥିଲେ ଯେ, ସାହିତ୍ୟ ମାଧ୍ୟମରେ ଜନ ଜାଗରଣ ସୃଷ୍ଟି କରାଯାଇ ଅସମ୍ଭବକୁ ସମ୍ଭବ କରାଯାଇପାରେ। ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ ଶତାଧିକ କବି ଓ କବୟତ୍ରୀ ନିଜ ନିଜର ସାରସ୍ୱତ କୃତି ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ପ୍ରାକ୍ତନ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକଙ୍କ ସମେତ ବିଭିନ୍ନ ସାହିତ୍ୟ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବିକଚ ସାହିତ୍ୟ ସଂସଦର ସମ୍ପାଦକ କଳିଙ୍ଗ କେଶରୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିବ ନାରାୟଣ ମିଶ୍ର ଧନ୍ୟବାଦ ଦେଇଥିଲେ।

